# ଆସଗୋ ଅଳସୀ ପ୍ରିୟା

ମଧୁ ମୂର୍ଚ୍ଛନା କିଏ ସେ ଦେଲାଗୋ ବୁଣି
ମଳୟ ଅନୀଳ ଗନ୍ଧ ଆଣଇ ଛାଣି
ଭାବଇ ମୋ ପ୍ରିୟା ଆସେ ଅଭିସାର ପଥେ
ତା ପାଇଁ ଅନ୍ତର ବିକଳି ବିକଳି ଉଠେ
ଅଭିସାରିକାଗୋ ଆସ ମୋ ଅଳସୀ ପ୍ରିୟା
ପାଦର ନୂପୁର ସୃଜଇ ନିନାଦ
କବରୀର ଗନ୍ଧ ଦିଅଇ ଆନନ୍ଦ
ତୁମେ ଯେ ଆସିବା ପଥରେ ହୁଅଇ
ଶତ ଶତଦଳ ଠିଆ ।
ଆସ ମୋ ଅଳସୀ ପ୍ରିୟା ........................।

ଘନ ଚିକୁର ଯେ ସ୍କନ୍ଧେ ପଡ଼ିଛି ଶୋଇ
ଷୁଧିତ ମଳୟ ଗନ୍ଧ ନିଅଇ ବହି
ପିନ୍ଧା ବସନ ଅଂଗେ ରହିଛି ଜଡ଼ି
ଅଂଗ ଆଲୋକେ ଅନ୍ଧକାର ଯାଏ ଛଡ଼ି
ଅଭିସାରିକାଗୋ ଆସ ମୋ ଅଳସୀ ପ୍ରିୟା
କର୍ଣ୍ଣପୁଟରେ ଦୋଳେ କର୍ଣ୍ଣ-ଦୋଳ
ନୟନ ଯୁଗଳେ କଜଳର ଗାର
ତୁମେ ଯେ ଆସିବା ପଥରେ ପଥିକ
ପ୍ରେମ ଓ ବିରହେ ଠିଆ ।
ଆସ ମୋ ଅଳସୀ ପ୍ରିୟା ........................।

ପ୍ରିୟାର ଅଂଗୁ ବହେ ଶ୍ରମ ଝାଳ ଟିକି
ପ୍ରଣୟୀ ଦେଖଇ ଚକ୍ଷୁ ମୁଦ୍ରିତ କରି
ଆସ ଆସ ପ୍ରିୟା ଚନ୍ଦନ ଲେପିବି ଅଂଗେ
ଚୁମିବି ଅଧର ସଜାଇ ବିବିଧ ରଂଗେ
ଅଭିସାରିକାଗୋ ଆସ ମୋ ଅଳସୀ ପ୍ରିୟା
କଳଙ୍କ ବହି ହସି ହସି ଥରେ
କୁହ ଏ କାଳିମା ଚନ୍ଦନ ତୋରେ
ଦେହେ ବୋଳି ହୋଇ ସେ ଚନ୍ଦନ ରେଣୁ
ସମିବ ତତଲା ହିଆ
ଆସଗୋ ଅଳସୀ ପ୍ରିୟା ........................!

ଭଲ ପାଅ ବୋଲି କୁହଗୋ ଥରେ ରାଣି !
ନିଷ୍ଠୁର ତୁମ ବଦନୁ ନ ସ୍ଫୁରେ ବାଣୀ
ଅୟି ରାଣି କୁହ ମୃତ୍ୟୁ ବରିବି ଯଦି
ପ୍ରଣୟର ପଥେ କଳଙ୍କ ବୋହିବ ନିକି ?
ଅଭିସାରିକାଗୋ ଆସ ମୋ ଅଳସୀ ପ୍ରିୟା
ରକ୍ତ ଜଳଇ କାନନ ଅଗ୍ନି ସମ
ପ୍ରଣୟ ବାରି ସିଞ୍ଚନ କର ସମ
ପ୍ରେମ ଦାନେ ସଖି ଧନୀକରେ ତୁଅ ପଣା
ଭଲ ପାଅ ବୋଲି ଥରେ ହେଲେ ହେଉ କୁହ
ଆସଗୋ ଅଳସୀ ପ୍ରିୟା ........................!

ସହକାର ତଳ ହସ୍ତ ପ୍ରସାରୀ ଡ଼ାକେ
ରଜନୀ ଅନ୍ଧାର ନିଷ୍ପ୍ରଭ ତୁମ ଆଲୋକେ
ଥରେ ହେଲେ ସଖି ରଚ ପ୍ରେମ ଅଭିସାର
ପ୍ରିୟର ସାନ୍ନିଧ୍ୟ ଆଶାକରି ଏକ ବାର
ଅଭିସାରିକାଗୋ ଆସ ଗୋ ଅଳସୀ ପ୍ରିୟା
ରଚି ପ୍ରିୟ ପାଇଁ ଶତ ଆରାଧନା
ଢାଳ ସଖି ପ୍ରଣୟର ମଧୁରିମା
ମରୁଦ୍ୟାନେ ସଖି ସିଞ୍ଚନ କର ବାରି
ସଞ୍ଚରି ଦିଅ ଉତ୍ତପ୍ତ ପାଦପ ହିଆ ।
ଆସଗୋ ଅଳସୀ ପ୍ରିୟା ........................ ।